ODISHA POLICE
STATE HEADQUARTERS
CUTTACK.

---

# ପ୍ରେସ୍ ନୋଟ୍

**ତା ୩୦.୦୫.୨୦୨୦**

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କ୍ରମେ "କୋଭିଡ୍-୧୯" ଯୋଦ୍ଧାଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ ରାଜ୍ୟବ୍ୟାପୀ "ବନ୍ଦେ ଉତ୍କଳ ଜନନୀ" ଗାନ ପରିପ୍ରେକ୍ଷୀରେ ଓଡିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ରାଜ୍ୟ ପୋଲିସ ମୁଖ୍ୟାଳୟ, କ୍ରାଇମବ୍ରାଞ୍ଚ ଓ ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍‌ର ୭୦୦ ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ମାନେ ବକ୍ସିବଜାର ସ୍ଥିତ ରିଜର୍ଭ ପଡିଆ ଠାରେ ଆଜି ଅପରାହ୍ନ ଘ ୫.୩୦ ମି ସମୟରେ ଏକତ୍ରିତ ହୋଇ ସାମାଜିକ ଦୂରତ୍ୱ ଅବଲମ୍ବନ କରି ସମବେତ ଭାବେ "ବନ୍ଦେ ଉତ୍କଳ ଜନନୀ" ଗାନ କରି କରୋନା ଯୋଦ୍ଧାଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ରାଜ୍ୟ ପୋଲିସର ପାଇପ ବ୍ୟାଣ୍ଡ ଦଳ ମଧ୍ୟ ଏଥିରେ ସାମିଲ ହୋଇ ବ୍ୟାଣ୍ଡ ମାଧ୍ୟମରେ "ବନ୍ଦେ ଉତ୍କଳ ଜନନୀ" ର ଧୁମ୍ ପ୍ରଦର୍ଶନ କରିଥିଲେ ।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ, ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍‌ର ଅତିରିକ୍ତ ଡି.ଜି ଶ୍ରୀ ଏସ୍.ଏମ୍.ନରଭାଣେ, ଅତିରିକ୍ତ ଡି.ଜି ଶ୍ରୀ ବିନୟତୋଷ ମିଶ୍ର, ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇ.ଜି ଶ୍ରୀମତୀ ରେଖା ଲୋହାନୀ, ଶ୍ରୀ ଯତିନ୍ଦ୍ର କୋଏଲ, ଅମିତେନ୍ଦ୍ର ନାଥ ସିହ୍ନା, ପ୍ରବୀଣ କୁମାର, ଏ.ଆଇ.ଜି ଶ୍ରୀ ବିବେକାନନ୍ଦ ଶର୍ମାଙ୍କ ସମେତ ସମସ୍ତ ଏ.ଆଇ.ଜି, ସଂସ୍ଥା ଅଧିକାରୀ, ଉପ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି କରୋନା ଯୋଦ୍ଧାଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ସହକାରୀ ଦୁର୍ଗପତି ଶ୍ରୀ ଦୀପକ କୁମାର ଗଡନାୟକ ଓ ସୁବେଦାର ଶ୍ରୀ ଅଶୋକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

30.05.2020

ଲୋକ ସମ୍ପର୍କ ଅଧିକାରୀ